# HANDS ON TRAINING PROGRAM On e Resources for Students and Faculties of Salipur Autonomous College, Salipur. Held on 05.10.2024



ସୋମବାର, ୭ ଅକ୍ଟୋବର ୨୦୨୪

ପ୍ରମେୟ
THE PRAMEYA

## ସାଲେପୁର କଲେଜରେ ଇ-ଲାଇବ୍ରେରୀ ତାଲିମ୍ ଶିବିର

ସାଲେପୁର,୬।୧୦(ଆପ୍ର): ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ମଧୁସୂଦନ ପ୍ରେକ୍ଷାଳୟ ପରିସରରେ ଇ-ଲାଇବ୍ରେରୀ ବ୍ୟବହାର ସମ୍ବନ୍ଧୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ଓଡ଼ିଶା ଉଚ୍ଚଶିକ୍ଷା ପରିଷଦ, ଇବିସ୍କୋ ଓ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। ଇବିସ୍କୋର ପ୍ରଶିକ୍ଷକ ରାଜ କୁମାର ମହାପାତ୍ର, ଛାତ୍ରଛାତ୍ରୀ, ଅଧ୍ୟାପକମାନେ ମୋବାଇଲ୍ ଓ କମ୍ପ୍ୟୁଟର ଜରିଆରେ ଇ-ଲାଇବ୍ରେରୀ କିପରି ସଦୁପଯୋଗ କରିପାରିବେ ସେ ସମ୍ପର୍କରେ ସୂଚନା ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସଂଗୀତା ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶିବିରରେ ଶତାଧିକ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଯୋଗଦେଇ ଇ-ରିସୋର୍ସର ବ୍ୟବହାର ଉପଯୋଗୀ କୌଶଳ ଶିକ୍ଷା କରିଥିଲେ। ରସାୟନ ବିଭାଗ ମୁଖ୍ୟ ଡ. ଅସିତ୍ ପରିଜା ପ୍ରାରମ୍ଭିକ ସୂଚନା ଦେଇଥିଲେ। ଗ୍ରନ୍ଥାଗାରର କର୍ମଚାରୀ ଦେବାଶିଷ ଦୀକ୍ଷିତ, ସୁଜିତ୍ କୁମାର ଶତପଥୀ, ସହ-ଗ୍ରନ୍ଥାଗାରିକ ସ୍ୱପ୍ନା ସୋନାଲିକା ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଗ୍ରନ୍ଥାଗାରିକ ପ୍ରଦୋଷ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



ସୋମବାର
୭ ଅକ୍ଟୋବର, ୨୦୨୪ | ୦୭

ସକାଳ

## ଇ-ଲାଇବ୍ରେରୀ ସମ୍ବନ୍ଧୀୟ ତାଲିମ୍ ଶିବିର

ସାଲେପୁର, ୬ ।୧୦(ସମିସ): ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ମଧୁସୂଦନ ପ୍ରେକ୍ଷାଳୟ ପରିସରରେ ଇ-ଲାଇବ୍ରେରୀ ବ୍ୟବହାର ସମ୍ବନ୍ଧୀୟ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ଓଡ଼ିଶା ଉଚ୍ଚ ଶିକ୍ଷା ପରିଷଦ, ଇବିସ୍କୋ ଓ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା । ଇବିସ୍କୋର ପ୍ରଶିକ୍ଷକ ରାଜକୁମାର ମହାପାତ୍ର, ଛାତ୍ରଛାତ୍ରୀ, ଅଧ୍ୟାପକମାନେ ମୋବାଇଲ୍ ଓ କମ୍ପ୍ୟୁଟର ଜରିଆରେ ଇ-ଲାଇବ୍ରେରୀ କିପରି ସଦୁପଯୋଗ କରିପାରିବେ ତାହା ବିସ୍ତୃତ ଭାବେ ପ୍ରୋଜେକ୍ଟର ମାଧ୍ୟମରେ ବର୍ଣ୍ଣନା କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ ସଙ୍ଗୀତା ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶିବିରରେ ୫ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଇ-ରିସୋର୍ସର ବ୍ୟବହାର ଉପଯୋଗୀ କୌଶଳ ଶିକ୍ଷା କରିଥିଲେ । ରସାୟନ ବିଭାଗ ମୁଖ୍ୟ ଡ. ଅସିତ୍ ପରିଜା କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଗ୍ରନ୍ଥାଗାରର କର୍ମଚାରୀ ଦେବାଶିଷ ଦୀକ୍ଷିତ, ସୁଜିତ ଶତପଥୀ, ସହଗ୍ରନ୍ଥାଗାରିକ ସ୍ୱପ୍ନା ସୋନାଲିକା ଷଡ଼ଙ୍ଗୀ ସହଯୋଗ କରିଥିଲେ । ଗ୍ରନ୍ଥାଗାରିକ ପ୍ରଦୋଷ ମହାନ୍ତି ଧନ୍ୟବାଦ ଦେଇଥିଲେ ।






